# Akashvani, Sambalpur

## SAMBALPURI NEWS EVENING BULLETIN

## 26 May 2025- 7.02 pm- 7.12 pm.

*********************************************

୧- ଏନ୍‌ଡିଏ ନେତୃତ୍ୱାଧୀନ କେନ୍ଦ୍ର ସର୍‌କାର୍‌ଙ୍କର୍ କାର୍ଯ୍ୟକାଳ ଆଏଜ୍ ପୁର୍‌ଲା ୧୧ ବଛର୍ ।

- ୩୦ ବଛର୍ ମିଲିତ୍ ଶାସନ୍ ବ୍ୟବସ୍ଥାକେ ହଟେଇକରି ଦେଶର୍ ନାଗରିକ୍‌ମାନ୍‌କୁ ସ୍ୱଛ୍ଛ ଆଉ ନିର୍ଣ୍ଣାୟକ ଶାସନ୍ ବ୍ୟବସ୍ଥା ଦେଇପାରିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ପୁରୀ ଶ୍ରୀମନ୍ଦିର୍ ଶବ୍ଦାବଲୀର୍ କରାଯିବା ପେଟେଂଟ୍- ନିଷ୍ପତି ନେଲା ଶ୍ରୀମନ୍ଦିର୍ ପ୍ରଶାସନ୍ ।

୩- ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ପାଲନ୍ କରୁଛେ ୬୩ ନମ୍ବର୍ ଥାପ୍‌ନା ଦିବସ୍ ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ଘଡ୍‌ଘଡ଼ି ଆଉ ବର୍ଷା ନେଇକରି ୧୯ ଟା ଜିଲ୍ଲାକେ ସତର୍କ କଲା ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ।

କେନ୍ଦ୍ର ସର୍କାର୍ -୧୧ ବଛର        ଆର୍ଏନ୍ୟୁ କଟକ୍

ଏନ୍ଡିଏ ନେତୃତ୍ୱାଧୀନ କେନ୍ଦ୍ର ସର୍କାର୍ ଆଏଜ୍ ୧୧ ବଛର୍ ପୁରା କରିଛେ । ୨୦୧୪ ମସିହା ଆଝିରର୍ ଦିନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶପଥ୍ ନେଇଥିଲେ । ସେଦିନ୍‌ଠାନୁ ଭାରତ୍‌ର ଆଧୁନିକ ରାଜନୈତିକ୍ ଇତିହାସ୍‌ଥି ପରିବର୍ତନ୍ ଦେଖାଦେଇଥିଲା । ୩୦ ବଛର୍‌ର୍ ମିଲିତ୍ ଶାସନ୍ ବ୍ୟବସ୍ଥାକେ ହଟେଇକରି ବିଜେପି ସର୍କାର୍ ଦେଶ୍‌ବାସୀଙ୍କୁ ଗୁଟେ ଫଟିକ୍ ଆଉ ନିର୍ଣ୍ଣାୟକ ଶାସନ୍ ବ୍ୟବସ୍ଥା ଦେଇଆସିଛେ ।

୨୦୧୪ ମସିହା ମେ ମାସର୍ ୨୬ ତାରିଖ୍ ସଞ୍ଜ୍‌ବେଲେ ରାଷ୍ଟ୍ରପତି ଭବନ୍ ପରିସର୍ ନ ଦେଶର୍ ୧୪ ନମ୍ବର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ନେଇଥିଲେ ନରେନ୍ଦ୍ର ମୋଦୀ । କୋଟି କୋଟି ଭାରତୀୟଙ୍କର୍ ଲାଗି ନୂଆଁ ଆଶା ସଂଚାର୍ କରିକରି ଶ୍ରୀ ମୋଦୀ ଦେଶର୍ ଶିଘା ନେତା ଭାବେ ଦାୟିତ୍ୱ ନେଇଥିଲେ ।

(ଭଏସ୍ ଓଭର୍- ଓଥି)

ପ୍ରଧାନ୍‌ମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଦାୟିତ୍ୱ ନେବାର୍ ଉତ୍‌ରୁ ଦେଶର୍ ଗରିବ୍ ଲୁକ୍‌କର୍ ଜୀବନ୍‌ଜୀବ୍‌କାଥି ଗୁଣାତ୍ମକ ପରିବର୍ତନ୍ ଦିଗେ ବହୁତ୍‌ଟେ ପ୍ରୟାସ୍ ମୁଲ୍ ହେଇଥିଲା । ବିକାଶ୍‌ମୂଲକ୍ ରାଜନୀତି ଉପ୍‌ରେ ସେ ଆସ୍ଥା ବନେଇଥିଲେ । ଇଥିର୍‌ଲାଗି ‘ସବ୍‌କା ସାଥ୍- ସବ୍‌କା ବିକାଶ୍ - ସବ୍‌କା ବିଶ୍ୱାସ୍ ଆଉ ସବ୍‌କା

ପ୍ରୟାସ୍’ ମନ୍ତ୍ର ନେଇକରି ଭାରତୀୟ ରାଜନୈତିକ୍ ଦୃଶ୍ୟପଟଥି ମୁଲ୍ ହେଇଥିଲା ପରିବର୍ତନ୍‌ର ନୂଆଁ ସୁର୍ ।

ଗଲା ୧୧ ବଛ୍‌ରେ ଦେଶେ ଫି’ କ୍ଷେତ୍ରଥି ପରିବର୍ତନ୍ ହେଇଛେ ଆଉ ଲୁକ୍‌କର୍ ଭିତ୍‌ରେ ବିଶ୍ୱାସ୍ ବଢ଼ିଛେ । ସାଧାରଣ୍ ଲୁକ୍‌କର୍ ଆବଶ୍ୟକତାନୁ ନେଇକରି ଭିତିଭୂମିର୍ ବିକାଶ୍, ଅର୍ଥନୈତିକ୍ ବିକାଶ୍ ବର୍‌କସ୍ କର୍‌ବାର୍, ରୋଜ୍‌ଗାର୍ ତିଆର୍ କର୍‌ବାର୍, ଆଭ୍ୟନ୍ତରିଣ ସୁରକ୍ଷା ଆଉ ବିଶ୍ୱସ୍ତରଥି ଦେଶର୍ ଦର୍ଜା ଉଁଚା କର୍‌ବାର୍ ଦିଗେ ବହୁତ୍‌ଟେ ପଦକ୍ଷେପ୍ ନିଆଯାଇଛେ । ଶ୍ରୀ ମୋଦୀଙ୍କର୍ ନେତୃତ୍ୱଥି ଭାରତ୍ ଆଏଜ୍ ସାରା ପୁର୍‌ଥି ନ ନୂଆଁ ପରିଚୟ ପାଇଛେ । ଭାରତ୍ ଇହାଦେ ପୁର୍‌ଥିର୍ ୪ ନମ୍ବର୍ ଅର୍ଥନୀତି ହେଇପାରିଛେ ଆଉ ୨୦୪୭ ମସିହାତକ୍ ଦେଶ୍‌କେ ବିକଶିତ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କର୍ ନେତୃତ୍ୱ ନିଶ୍ଚିତ ଭାବେ ସଫଲତା ଆନ୍‌ବା ବଲି ଆଶା କରାଯାଉଛେ ।

ସାଇବର୍ ଅପରାଧ୍ କର୍ମଶାଳା I&PR

ସାଇବର୍ ଅପରାଧ୍ ରୁକ୍‌ବାର୍ ଲାଗି ଆଏବା ଦିନେ ରାଜ୍ୟର୍ ସବୁ ପୁଲିସ୍ ରେଞ୍ଜ୍ ଆଉ ଜିଲ୍ଲାସ୍ତରଥି ସାଇବର୍ ଅପରାଧ୍ ତଦନ୍ତ୍ ବାବଦ୍ କର୍ମଶାଳା ଆୟୋଜନ୍ କରାଯିବା । ଇଥି କନ୍‌ଷ୍ଟେବଲ୍ ମାନ୍‌କର୍‌ଠାନୁ ମୁଲ୍ କରିକରି ସବୁ ବର୍ଗର୍

ଅଧିକାରୀମାନ୍‌କୁ ସାଇବର୍ ଅପରାଧ୍ ମାମ୍‌ଲାମାନ୍‌କର୍ ତଦନ୍ତ୍ କର୍‌ବାର୍ ଲାଗି ଦକ୍ଷତା ବଢ଼ାବାର୍ ତାଲିମ୍ ଦିଆଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୁର୍ ଖୁରାନିଆ କହିଛନ୍ । ଭୁବ୍‌ନେଶ୍ୱର୍ ସାଇବର୍ କମ୍ପ୍ଲେକ୍ସ ଠାନେ ରାଜ୍ୟ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ 'ସାଇବର୍ ଅପରାଧ୍ ତଦନ୍ତ୍ ଆଉ ସାଇବର୍ ବୁଦ୍ଧିମତା' ଶୀର୍ଷକ୍ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ଶ୍ରୀ ଖୁରାନିଆ ଇଟା କହିଛନ୍ । ରାଏଜେ ଆହୁରି ୨୦ ଟା ସାଇବର୍ ଥାନା ଖୁଲାଯିବାର୍ ସହେତେ ୬ ଝନ୍ ଲେଖା ସାଇବର୍ ବିଶେଷଜ୍ଞମାନ୍‌କୁ ନିଯୁକ୍ତି ଦିଆଯିବା ବଲି ଇ ଅବ୍‌ସରେ ଶ୍ରୀ ଖୁରାନିଆ ସୂଚ୍‌ନା ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସର୍‌କାର୍‌ଙ୍କର୍ ସୁଭଦ୍ରା ଯୋଜ୍‌ନା ଆର୍ ଲକ୍ଷପତି ଦିଦି ବନାବାର୍ ଦିଗେ ସଫଲତାକେ ବହୁତ୍ ପ୍ରଶଂସା କରିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଦିଲ୍ଲୀ ନ ଭାଜପା ଶାସିତ ରାଜ୍ୟମାନ୍‌କର୍ ମୁଖ୍ୟମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀମାନ୍‌କର୍ ବୈଠକ୍‌ଥି ଯୋଗ୍ ଦେଇକରି ଓଡ଼ିଶା ଫିର୍‌ଲା ଉତ୍‌ରୁ

ଶ୍ରୀମତୀ ପରିଡ଼ା କହିଛନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ମୁଖ୍ୟମନ୍ତ୍ରୀମାନ୍‌କର୍ ବୈଠକ୍‌ଥି ସୁଶାସନ୍ ମୋଡ଼େଲ୍‌ର ପ୍ରଦର୍ଶନ୍ କରାଯାଇଥିଲା । ସବୁ ରାଜ୍ୟ ମାନ୍‌କେ ଗୁଣବତା ଆଉ ସୁଶାସନ୍ ମୋଡ଼େଲ୍ ଲାଗୁ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ସିଏମ୍ ଟ୍ରଫି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତୃଣମୂଳସ୍ତର୍ ନ କ୍ରୀଡ଼ା ଆଉ ପ୍ରତିଭାର୍ ବିକାଶ୍ ଲାଗି ଆଏବା ୨୮ ତାରିଖ୍ ବୁଧବାର୍ ଦିନ୍‌ଠାନୁ ୨ ନମ୍ବର୍ ଖେପ୍ ସିଏମ୍ ଟ୍ରଫି ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ ମୁଲ୍ ହେବା । କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆଉ ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ତରଫୁ ୧୫ ବଛର୍‌ନୁ କମ୍ ବୟସର୍ ପ୍ରତିଯୋଗୀମାନେ ଇଥି ଭାଗ୍ ନେବେ । ପ୍ରତିଯୋଗିତା ଆଏବା ମାସର୍ ୫ ତାରିଖ୍‌ତକ୍ ଚାଲ୍‌ବା । ଆଂଚଲିକ୍ ସ୍ତର୍‌ଥି ପ୍ରତିଯୋଗିତା ଉତ୍‌ରୁ ସିଏମ୍ ଟ୍ରଫି ଫାଇନାଲ୍ ଖେଲ୍ ହେବା । ଇତାକେ ନେଇକରି ଗଲାକାଏଲ୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ସିଏମ୍ ଟ୍ରଫିର୍ ଲୋଗୋ, ଟ୍ରଫି, ଜର୍ସି ଆର୍ ଆନ୍‌ଥେମ୍‌କେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉନ୍ମୋଚନ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ସିଏମ୍ ଟ୍ରଫିର୍ ପହେଲା ଖେପ୍ ଜାନୁଆରୀ ୧୬ ନୁ ଏପ୍ରିଲ୍ ୧୯ ତାରିଖ୍ତକ୍ ରାଜ୍ୟର୍ ସବୁ ଜିଲ୍ଲାମାନ୍କେ ହେଇଥିଲା । ଇଥି ୨ ଶହ ୭୧ ଟା ଫୁଟ୍ବଲ୍ କ୍ଲବ୍ ସହେତେ ୫ ହଜାର୍ନୁ ଅଏତ୍କା ଖେଲାଲି ଭାଗ୍ ନେଇଥିଲେ ।

ଶ୍ରୀମନ୍ଦିର୍-ଉଚ୍ଚସ୍ତରୀୟ ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାନେ ଗଜପତି ମହାରାଜ୍ ଶ୍ରୀ ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ଅଧିକାରୀମାନ୍କର୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଜେନ୍ଦ୍ରାଭିଷେକ ଠାନୁ ନୀଳାଦ୍ରୀ ବିଜେତକ୍ ଛତିଶାନିଯୋଗ୍ ଅନୁମୋଦିତ୍ ନୀତି ନିର୍ଘଂଟକେ ପାଲନ୍ କର୍ବାର୍ ଲାଗି ମଞ୍ଜୁର୍ କରାଯାଇଛେ । ଶ୍ରୀମନ୍ଦିର୍ର ମହାପ୍ରସାଦ, ଧାମ୍, ନିଳାଚଳ, ବାଗିର୍ ଭିନ୍ ଭିନ୍ ଶବ୍ଦ ମାନ୍କର୍ ପେଟେଂଟ୍ କରାଯିବାର୍କେ ନିଷ୍ପତି ନିଆଯାଇଛେ ବଲି ବୈଠକ୍ ଉତ୍ରୁ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍ନା ଦେଇଛନ୍ ।

ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ ସାର୍ବାର୍ ସହେତେ ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ବିଷେଥି ଭିଲ୍ ବୈଠକ୍ଥି ନିଷ୍ପତି ନିଆଯାଇଛେ । ସେନ୍ତା ପଶ୍ଚିମବଙ୍ଗ୍ର ଦିଘା ଜଗନ୍ନାଥ୍ ମନ୍ଦିର୍ ଆଉ ଇସ୍କନ୍ ତର୍ଫୁ

ହଉଥିବା ଅଦିନିଆ ରଥଯାତ୍ରା ବାବ୍‌ଦେ ଭିଲ୍ ଆଲୋଚନା ହେଇଥିଲା । ଦିଘା ଜଗନ୍ନାଥ୍ ମନ୍ଦିର୍ ଧାମ୍ ନୁହେଁ ବଲି ଗଜପତି ମହାରାଜ୍ କହେବାର୍ ସହେତେ ଇ ଦିଗେ ପଶ୍ଚିମବଙ୍ଗ୍ ସର୍‌କାର୍ ଧ୍ୟାନ୍ ଦେବାର୍‌କେ କହିଛନ୍ । ଇସ୍କନ୍ ତର୍‌ଫୁ ଧାର୍ମିକ୍ ବ୍ୟବସ୍ଥା ଅନ୍‌ସାରେ ମାହାପୁରୁମାନ୍‌କର୍ ରଥଯାତ୍ରା କର୍‌ବାର୍ ଗଜପତି ମହାରାଜ୍ ବୈଠକ୍‌ଥି କହିଛନ୍ ।

(ଭଏସ୍ ଓଭର୍- ଗଜପତି ମହାରାଜ୍)

କୋଭିଡ୍ ଆର୍‌ଏନ୍‌ୟୁ/ କଟକ୍

ଦେଶେ କୋଭିଡ୍ ରୋଗୀଙ୍କର୍ ସଂଖ୍ୟା ଇହାଦେ ହଜାରେନୁ ଅଏତ୍‌କା ରହିଛେ ବଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ମନ୍ତ୍ରଣାଳୟର୍ କୋଭିଡ୍- ୧୯ର ତଥ୍ୟ ଅନ୍‌ସାରେ ଆଏଜ୍ ସଖାଲର୍ ୮ ବଜେତକ୍ ଦେଶେ ହଜାରେ ୯ ଝନ୍ ସକ୍ରିୟ କରୋନା ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ କେରଳ ନ ସବୁନୁ ଜହ ୪ ଶହ ୩୦ ଝନ୍ ରୋଗୀ ଚିହ୍ନଟ୍ ହେଇଛନ୍ । ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ୍, ବିହାର୍, ହିମାଚଲ୍ ପ୍ରଦେଶ୍, ଜମ୍ମୁ କାଶ୍ମୀର, ଓଡ଼ିଶା, ଆସାମ୍, ଅରୁଣାଚଲ୍ ଆଉ ଆଣ୍ଡାମାନ୍ ନିକୋବର୍ ନୁ କରୋନା ରୋଗୀ ଚିହ୍ନଟ୍ ହେଇଥିବାର୍ ଜନାପଡ଼ିଛେ ।

ଆକାଶ୍‌ବାଣୀ ପ୍ରତିଷ୍ଠା ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ତାର୍ ୬୩ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୬୩ ମସିହାଥି ଆଝିର୍ ଦିନେ ସମ୍ବଲପୁର ଆକାଶ୍‌ବାଣୀ କେନ୍ଦ୍ର ଥାପ୍‌ନା ହେଇଥିଲା । ୨୦ କିଲୋୱ୍ୱାଟ୍ ଟ୍ରାନ୍ସମିଟର୍ ପ୍ରସାରଣ୍‌ନୁ ମୁଲ୍ ହେଇଥିବା ଇ କେନ୍ଦ୍ର ଏଛେନ୍ ଶହେ କିଲୋୱ୍ୱାଟ୍ କ୍ଷମତାର୍ ଡିଜିଟାଲ୍ ପ୍ରସାରଣ୍ କରୁଛେ । ଇତାର୍‌ସଙ୍ଗେ କେନ୍ଦ୍ରନୁ ଏଫ୍.ଏମ୍. ମହାନଦୀ ଆର୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍  ସାଙ୍ଗେ ଫି' ଘଂଟାର୍ ମୁଖିଆ ଖବର୍ ପ୍ରସାରଣ୍ ଲାଗି ଲୋକ୍‌ମାନେ ତାଁକର୍ ନିଜର୍ ଭାଷାଥି ଇ ଅଂଚଲ୍‌ର ଖବର୍ ପାଇପାରୁଛନ୍ ।

ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ଆଏଜ୍ ଥାପ୍‌ନା ଦିବସ୍ ପାଲନ୍ ଅବ୍‌ସରେ ଅଭିଯାନ୍ତ୍ରିକି ମୁଖ୍ୟ ସୁବୋଧ୍ କୁମାର୍ ପାଲ୍ ଆଉ କାର୍ଯ୍ୟକ୍ରମ୍ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟୀ ଅଧକ୍ଷତା କରିଥିଲେ । ଇ କେନ୍ଦ୍ର ପଶ୍ଚିମ ଓଡ଼ିଶାର୍ କଳା, ସାହିତ୍ୟ ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଦିଗେ ବଡ଼୍‌ତି ଭୂମିକା ନେଇକରି ଶ୍ରୋତାମାନ୍‌କର୍ ମନ୍ ଜିତି ପାରିଛେ ବଲି କହିଥିଲେ । କାର୍ଯ୍ୟକ୍ରମ୍‌କେ ରିକ୍ରିଏସନ୍ କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ସଂଚାଳନ୍ କରିଥିଲେ । ଇଥି

କାର୍ଯ୍ୟାଳୟର୍ ଅଧିକାରୀ ଆର୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ଯୁକ୍ତ ଦୁଇ ପରୀକ୍ଷା ଖାତା ପୁନଃ ଯାଂଚ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଖାତା ଫେର୍‌ଘାଏ ଯାଂଚ୍ ଆର୍ ମୂଲ୍ୟାଙ୍କନ୍ ଲାଗି ଛାତ୍ରଛାତ୍ରୀମାନେ ଆଏବା ୩୦ ତାରିଖ୍‌ନୁ ଜୁନ୍ ୧୩ ତାରିଖ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ । ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଆର୍ ଅଫ୍‌ଲାଇନ୍ ଦୁହି ମାଧ୍ୟମ୍‌ଥି ଆବେଦନ୍ କରିପାର୍‌ବେ । ଅନ୍‌ଲାଇନ୍ ଖାତାଦେଖାଥି କିଛି ଭୁଲ୍ ଥିଲେ ଅଭିଯୋଗ୍ ଭିଲ୍ କରିପାର୍‌ବେ । ପେପର୍ ପିଛା ୨ ଶହ ଟଙ୍କା ଲେଖା ଫିସ୍ ଦେଇକରି ଆବେଦନ୍ କରାଯିବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ଶିକ୍ଷକ୍ ଦକ୍ଷତାର୍ ମୂଲ୍ୟାଙ୍କନ        ଆର୍‌ଏନ୍‌ୟୁ/ କଟକ୍

ଦକ୍ଷତା ବିକାଶ୍ ଆୟୋଗ୍ ତର୍‌ଫୁ ଶିକ୍ଷକ୍‌ମାନ୍‌କର୍ ଦକ୍ଷତାର୍ ମୂଲ୍ୟାଙ୍କନ୍ କରାଯିବା । ଇଥିର୍‌ଲାଗି ପ୍ରାଥମିକ, ମାଧ୍ୟମିକ

ଆଉ ଉଚ୍ଚମାଧ୍ୟମିକ ସ୍ତର୍‌ଥି ଶିକ୍ଷକ୍‌ମାନ୍‌କର୍ ସର୍ବେକ୍ଷଣ୍ କରାଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ୍, ଉଚ୍ଚମାଧ୍ୟମିକ, ମାଧ୍ୟମିକ ଆଉ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଇ ବାବ୍‌ଦେ ଜନେଇ ଦିଆଯାଇଛେ ।

ଖୋର୍ଦ୍ଧା- ବଲାଙ୍ଗିର୍- ସୁଡୁଙ୍ଗ          ବୌଦ୍ଧ ସମ୍ବାଦଦାତା

ଖୋର୍ଦ୍ଧା- ବଲାଙ୍ଗିର୍ ରେଲ୍ ପ୍ରକଳ୍ପର୍ ବୌଦ୍ଧ ଜିଲ୍ଲାର୍ ଆଡ଼େଣିଗଡ଼୍ ଠାନେ ତିଆର୍ ଚାଲିଥିବା ସୁଡୁଙ୍ଗ୍‌ର କିଛି ଭାଗ୍ ଭୁଷୁଡ଼ି ପଡ଼ିଥିବାର୍ ଜନାପଡ଼ିଛେ । ୪ କିଲୋମିଟର୍ ଲମ୍ବା ସୁଡୁଙ୍ଗ୍‌ର ଗୁଟେ ଜାଗା ନ ଭୁଷୁଡ଼ି ପଡ଼ିକରି ପାଖାପାଖି ୩୦ ମିଟର୍ ଜାଗା ନ ଗାଡ଼୍ ହେଇଯାଇଛେ । ଦୁର୍ଘଟଣା ବେଲ୍‌କେ ସୁଡୁଙ୍ଗ ଭିତ୍‌ରେ କେହି ଉପସ୍ଥିତ୍ ଥିଲେ କି ନାଇଁ ସେଟା ଜନା ନୁହେଁପଡ଼େ ।

ସାବିତ୍ରୀ ଉଆଁସ          ଆର୍‌ଏନ୍‌ୟୁ
ସମ୍ବଲପୁର୍/ ସୁବର୍ଣ୍ଣପୁର୍/ ବୌଦ୍ଧ

ଆଏଜ୍ ଜେଠ୍ ମାସର୍ ଉଆଁସ୍ ତିଥିଥି ସାରା ରାଏଜେ ବିବାହିତ ହିନ୍ଦୁ ଧର୍ମାବଲମ୍ବୀ ମହିଳାମାନେ ସାବିତ୍ରୀ ବ୍ରତ ପାଲନ୍

କରୁଛନ୍ । ସ୍ୱାମୀ ମାନ୍‌କର୍ ଦୀର୍ଘଜୀବନ୍ କାମନା କରିକରି ମହିଳାମାନେ ଉପାସ୍ କରିଛନ୍ । ଇତାର୍‌ସହେତେ ଫୁଲ୍‌ଫଲ୍ ନେଇକରି ଲକ୍ଷ୍ମୀ ନାରାୟଣ୍‌ଙ୍କୁ ପୂଜା କର୍‌ବାର୍ ସାଙ୍ଗେ ସାବିତ୍ରୀ ବ୍ରତ ପାଲନ୍ କରିଛନ୍ । ପୌରାଣିକ ବିଶ୍ୱାସ୍ ଅନ୍‌ସାରେ ସାବିତ୍ରୀ ଆଉ ସତ୍ୟବାନ୍ ଦୁହେଁ ଜଙ୍ଗଲ୍‌କେ ଯାଉଥିବାର୍ ବେଲେ ସତ୍ୟବାନ୍‌ଙ୍କ ମୃତ୍ୟୁ ହେଇଥିଲା । ସାବିତ୍ରୀ ବ୍ରତ କରିକରି ନିଜର୍ ସ୍ୱାମୀଙ୍କର୍ ଜୀବନ୍ ଫିରିପାଇଥିଲେ । ସେଦିନୁ ନିଜର୍ ସ୍ୱାମୀର ଦୀର୍ଘାୟୁ କାମନା କରିକରି ମହିଳାମାନେ ଇ ବ୍ରତ ପାଲନ୍ କରିଆସୁଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାବିତ୍ରୀ ଅମାବାସ୍ୟା ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ନ ବ୍ରତଧାରୀମାନେ ଲକ୍ଷ୍ମୀ ନାରାୟଣ୍‌ଙ୍କର୍ ପୂଜା କରିକରି ସାବିତ୍ରୀ ବ୍ରତ ପାଲନ୍ କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ବ୍ରତଧାରୀ ମହିଳାମାନେ ଅଶ୍ୱତ୍‌ଥ ଗଛ୍‌କେ ବନ୍ଦେଇକରି ତୁଲ୍‌ସୀ ଚଉଁରା ନ ପୂଜା କରିଛନ୍ ।

ବୌଦ୍ଧ ନ ଜିଲ୍ଲାର୍ ଭିନ୍ ଭିନ୍ ମନ୍ଦିର୍ ମାନ୍‌କେ ବ୍ରତଧାରୀମାନେ ପୂଜା କରିଛନ୍ । ମନ୍ଦିର୍ ନ ମାହାପୁରୁମାନ୍‌କର୍ ନୀତିକାନ୍ତି ସର୍‌ଲା ଉତ୍‌ରୁ ବ୍ରତଧାରୀମାନେ ପୂଜା କରିଛନ୍ ।

ଧାନ୍ ସଂଗ୍ରହ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ବର୍ଗାଁ ସମବାୟ ସମିତି ନ ଆଏଜ୍ ରବି ଧାନ୍ ଘିନା ମୁଲ୍ ହେଇଛେ । ସମବାୟ ସମିତି ଅଧୀନ୍‌ଥି ୩ ଟା ଧାନ୍ ମଣ୍ଡି ଭିତ୍‌ରୁ ସାନମହେଶ୍ୱରୀ ମଣ୍ଡି ନ ଧାନ୍ ଘିନା ମୁଲ୍ ହେଇଛେ । ସମବାୟ ସମିତି ସମ୍ପାଦକ କହିଛନ୍, ଇ ମଣ୍ଡି ନ ମହିଲା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ୍ ଘିନା ଦାୟିତ୍ୱ ନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ମରାଠ୍‌ୱାଡ଼ା ଆର୍ ତାର୍ ଆଖର୍‌ପାଖର୍ ଆନ୍ଧ୍ରପ୍ରଦେଶ୍, ସମୁଦ୍ରଖଁଡ଼ି ଇଲାକା ନୁ ଛତିଶ୍‌ଗଡ୍, ଓଡ଼ିଶା ତକ୍ ଗୁଟେ ଟ୍ରଫ୍ ଲାଇନ୍ ସହେତେ ଲଘୁଚାପ୍ ବଳୟ ତିଆର୍ ହେଇଥିବାର୍‌ନୁ ରାଏଜେ ଆଏବା ୬ ଦିନ୍‌ତକ୍ ବିଜ୍‌ଲି ମାର୍‌ବାର୍ ସହେତେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପଶ୍ଚିମ ଆଉ ଦକ୍ଷିଣ ଇଲାକାର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ନେଇକରି ପାଣିପାଗ୍ କେନ୍ଦ୍ର ୧୯ ଟା ଜିଲ୍ଲାକେ ସତର୍କ କରିଛେ ।